# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 06th May – 2026

************************************

## ମୁଖ୍ୟ ସମ୍ବାଦ

- ଗୁଜୁରାଟ୍ ଗସ୍ତର ଦ୍ୱିତୀୟ ଦିନରେ ପୁଞ୍ଜିପତିମାନଙ୍କ ସହ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ ।

— ଶିଳ୍ପ ସମୃଦ୍ଧି କ୍ଷେତ୍ରରେ ଦେଶର ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭାହୋଇଛି ଓଡ଼ିଶା ।

- ନୂଆଦିଲ୍ଲୀରେ ବିଦ୍ୟାଳୟ ପରିଚାଳନା କମିଟିର ନିର୍ଦ୍ଦେଶାବଳୀକୁ ଉନ୍ମୋଚନ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

- ମୁମ୍ବାଇରେ ୱେଭ୍ ଡକ୍ ବଜାରର ଦ୍ୱିତୀୟ ସଂସ୍କରଣ ଆସନ୍ତାମାସ ୧୬ ତାରିଖରୁ ହେବ ଆରମ୍ଭ ।

ଏବଂ

- ରାଜ୍ୟରେ ଆସନ୍ତା ୭ ଦିନ ପର୍ଯ୍ୟନ୍ତ କାଳବୈଶାଖୀଜନିତ ବର୍ଷା ହେବା ନେଇ ବିଭିନ୍ନ ଜିଲ୍ଲାକୁ ସତର୍କ ସୂଚନା ଜାରି ।

*Desk*

# ମୁଖ୍ୟମନ୍ତ୍ରୀ - ଗୁଜରାଟ ଗସ୍ତ

ଗୁଜୁରାଟ ଗସ୍ତର ଦ୍ୱିତୀୟ ଦିନରେ ଆଜି ଅହମ୍ମଦାବାଦଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିବେଶକ ସମ୍ମିଳନୀରେ ଯୋଗଦେଇ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ପ୍ରମୁଖ ଉଦ୍ୟୋଗୀ ଓ ନିବେଶକମାନଙ୍କ ସହିତ ଆଲୋଚନା କରିଛନ୍ତି। ଗଣମାଧ୍ୟମରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ଶିଳ୍ପ ସମୃଦ୍ଧି କ୍ଷେତ୍ରରେ ଦେଶର ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭା ହୋଇଛି । ରାଜ୍ୟରେ ପୁଞ୍ଜିନିବେଶର ଅପାର ସମ୍ଭାବନା ରହିଛି ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି । ରାଜ୍ୟରେ ବନ୍ଦର ଭିତ୍ତିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଏକ ପ୍ରତିନିଧି ଦଳ ମୁନ୍ଦ୍ରା ବନ୍ଦର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଏହା ମାଲପରିବହନ ଓ ବନ୍ଦର ଆଧାରିତ ଶିଳ୍ପରେ ସମ୍ଭାବନା ସୁଯୋଗକୁ ଆହୁରି ବ୍ୟାପକ କରିବ। ଆସନ୍ତାକାଲି ଭଦୋଦରାଠାରେ ନିବେଶକମାନଙ୍କ ସହିତ ଏକ ବୈଠକର ଆୟୋଜନ କରାଯାଇଛି। ଏଥିସହିତ କାର୍ଯ୍ୟକ୍ରମର ଅଂଶସ୍ୱରୂପ କେଭାଡ଼ିଆ ଗସ୍ତ ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଛି। ଏହି ଉଚ୍ଚସ୍ତରୀୟ ପ୍ରତିନିଧି ଦଳରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ବରିଷ୍ଠ ଅଧିକାରୀମାନେ ସାମିଲ ଅଛନ୍ତି।

***Desk***

# ଏଲ୍.ପି.ଜି. ସିଲିଣ୍ଡର ଯୋଗାଣ

ପଶ୍ଚିମ ଏସିଆରେ ସାମ୍ପ୍ରତିକ ସ୍ଥିତି ମଧ୍ୟରେ ଦେଶରେ ଏଲ୍.ପି.ଜି. ଯୋଗାଣ ସ୍ୱାଭାବିକ ରହିଛି ବୋଲି ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍ତି । ନୂଆଦିଲ୍ଲୀରେ ଅନୁଷ୍ଠିତ ଆନ୍ତଃ ମନ୍ତ୍ରଣାଳୟ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ଶ୍ରୀମତୀ ଶର୍ମା କହିଛନ୍ତି, ଘରୋଇ ଇନ୍ଧନ ଯୋଗାଣକୁ ସ୍ୱାଭାବିକ କରିବା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି । ବର୍ତ୍ତମାନ ପରିସ୍ଥିତିରେ ରନ୍ଧନ ଗ୍ୟାସ୍ ସିଲିଣ୍ଡର ମୂଲ୍ୟରେ କୌଣସି ବୃଦ୍ଧି କରାଯାଇ ନାହିଁ । ପେଟ୍ରୋଲ୍ ଓ ଡିଜେଲ୍ର ମଧ୍ୟ  ମୂଲ୍ୟ ବୃଦ୍ଧି ହୋଇ ନାହିଁ । ଗୁଜବରେ ବିଶ୍ୱାସ ନ କରିବାକୁ ଜନସାଧାରଣଙ୍କୁ ଶ୍ରୀମତୀ ଶର୍ମା ପରାମର୍ଶ ଦେଇଛନ୍ତି ।

***Puri/R***

# ପଶ୍ଚିମବଙ୍ଗ - ଶପଥ ଗ୍ରହଣ

ପଶ୍ଚିମବଙ୍ଗରେ ନୂତନ ବିଜେପି ସରକାର ଆସନ୍ତା ୯ ତାରିଖ ଶନିବାର ଦିନ ଗୁରୁଦେବ ରବୀନ୍ଦ୍ରନାଥ ଟାଗୋରଙ୍କ ଜନ୍ମବାର୍ଷିକୀ ଅବସରରେ ଶପଥ ଗ୍ରହଣ କରିବେ। ଏହି ସମାରୋହ ବ୍ରିଗେଡ୍ ପ୍ୟାରେଡ୍ ପଡ଼ିଆରେ ଅନୁଷ୍ଠିତ ହେବ ବୋଲି ରାଜ୍ୟ ବିଜେପି ସଭାପତି ସମୀକ ଭଟ୍ଟାଚାର୍ଯ୍ୟ ଗଣମାଧ୍ୟମକୁ

ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ନୂତନ ସରକାରଙ୍କ ଏହି ଶପଥ ଗ୍ରହଣ ଉତ୍ସବ ସେ ଦିନ ପୂର୍ବାହ୍ନ ୧୦ଟାରେ ଆରମ୍ଭ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସମେତ କେନ୍ଦ୍ର ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ ତଥା ଅନ୍ୟ ବିଜେପି ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନେ ଏହି ଶପଥ ଗ୍ରହଣ ସମାରୋହରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ପଶ୍ଚିମବଙ୍ଗରେ ପ୍ରମୁଖ ରାଜନୈତିକ ସମାବେଶ ଅନୁଷ୍ଠିତ ହେବାରେ ଏହି ବ୍ରିଗେଡ ପ୍ୟାରେଡ୍ ପଡ଼ିଆର ଏକ ଐତିହାସିକ ମହତ୍ତ୍ୱ ରହିଥିବା ଦୃଷ୍ଟିରୁ ଶପଥ ଗ୍ରହଣ ଉତ୍ସବ ଲାଗି ଏହି ସ୍ଥଳକୁ ଚୟନ କରାଯାଇଛି ବୋଲି ଦଳ ପକ୍ଷରୁ କୁହାଯାଇଛି।

***HS***

# ବିଦ୍ୟାଳୟ ସମୀକ୍ଷା

ମାଧ୍ୟମିକ ଶିକ୍ଷା ପରିଷଦଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷାରେ ଖରାପ ପ୍ରଦର୍ଶନ କରିଥିବା ବିଦ୍ୟାଳୟଗୁଡ଼ିକର ସମୀକ୍ଷା କରାଯିବ ବୋଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି । ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକମାନଙ୍କୁ ନେଇ ଶିକ୍ଷକ ସମ୍ମିଳନୀର ଆୟୋଜନ କରାଯିବ । ଏଥିସହ ଆଗାମୀ ଦିନରେ ଛାତ୍ରଛାତ୍ରୀଙ୍କ ଉତ୍ତମ ପ୍ରଦର୍ଶନ ସମ୍ପର୍କରେ ବିସ୍ତୃତଭାବେ ଆଲୋଚନା କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି ।

***Desk***

# ଧର୍ମେନ୍ଦ୍ର ପ୍ରଧାନ - ଏନ୍.ଇ.ପି.

ପ୍ରଶାସନକୁ ସୁଦୃଢ଼ ଏବଂ ଶିକ୍ଷା ଫଳାଫଳକୁ ଉନ୍ନତ କରିବାରେ ବିଦ୍ୟାଳୟ ପରିଚାଳନା କମିଟିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଦାନ କହିଛନ୍ତି । ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆଜି ବିଦ୍ୟାଳୟ ପରିଚୋଳନା କମିଟିର ନିର୍ଦ୍ଦେଶାବଳୀକୁ ଉନ୍ମୋଚନ କରି ଶ୍ରୀ ପ୍ରଧାନ କହିଛନ୍ତି, ପ୍ରତ୍ୟେକ ଶିକ୍ଷାବର୍ଷ, ପୂର୍ବବର୍ଷର ସମୀକ୍ଷା ସହିତ ଆରମ୍ଭ ହୋଇଥାଏ, ଯାହା ପରବର୍ତ୍ତୀ ପର୍ଯ୍ୟାୟପାଇଁ ନୂତନ ମୂଳଦୁଆ ସ୍ଥାପନ କରେ । ଜାତୀୟ ଶିକ୍ଷାନୀତି-୨୦୨୦ ସହିତ ସମନ୍ୱୟ ରକ୍ଷାକରି ବିଦ୍ୟାଳୟ ପରିଚାଳନା କମିଟି ଅଧିକ ଅଂଶଗ୍ରହଣ, ଉନ୍ନତ ବିଦ୍ୟାଳୟ ଭିତ୍ତିଭୂମି ଏବଂ ଆଧୁନିକ ଶିକ୍ଷାପଦ୍ଧତି ଉପରେ ଗୁରୁତ୍ୱାରୋପ କରୁଛି ।

***Voice (Dharmendra Pradhan)*** :……

***HS***

# ଓ ହବ୍ - ସମୀକ୍ଷା

ଭୁବନେଶ୍ୱର 'ଓ ହବ୍'ଠାରେ ଆଜି ଜିଲ୍ଲା ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳକଙ୍କ ଯୋଜନା କାର୍ଯ୍ୟାନ୍ୱୟନ ଓ ରୂପାୟନ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ

ମଲ୍ଲିକ ଯୋଗଦେଇ ଜିଲ୍ଲା ସ୍ତରରେ ଚାଲିଥିବା ବିଭିନ୍ନ ଶିଳ୍ପ ଯୋଜନାର ଅଗ୍ରଗତି, କାର୍ଯ୍ୟାନ୍ୱୟନ ଓ ଆଗାମୀ ରୂପରେଖ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି । ରାଜ୍ୟରେ ଶିଳ୍ପ ବିକାଶ ଓ ଉଦ୍ୟୋଗୀଙ୍କ ସଶକ୍ତୀକରଣ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ଉଦ୍‌ଯୋଗୀମାନଙ୍କପାଇଁ ଅଧିକ ଅଧିକ ସୁଯୋଗ ସୃଷ୍ଟି କରିବାକୁ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି ।

***Desk***

# ୱେଭ୍ ଡକ୍ ବଜାର

ମୁମ୍ବାଇ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ସହିତ ୱେଭ୍ ଡକ୍ ବଜାରର ଦ୍ୱିତୀୟ ସଂସ୍କରଣ ଆସନ୍ତା ଜୁନ୍ ମାସ ୧୬ ତାରିଖରୁ ମୁମ୍ବାଇ ଏନ୍.ଏଫ୍.ଡି.ସି. କମ୍ପ୍ଲେକ୍ସରେ ଆୟୋଜନ କରାଯିବ । ଏହା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ । ୱେଭ୍ ଡକ୍ ବଜାର' ସହଯୋଗ, ମାର୍ଗଦର୍ଶନ ଓ ବୈଷୟିକ ସ୍ତରରେ ପରିଚୟ ଦେବାରେ କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାତାଙ୍କ ଯାତ୍ରାକୁ ତ୍ୱରାନ୍ୱିତ କରିବ । ୨୦୨୪ ମସିହାରେ ପ୍ରଥମ ସଂସ୍କରଣ ପରେ ଚଳିତ ବର୍ଷ ଦ୍ୱିତୀୟ ସଂସ୍କରଣର ଆୟୋଜନ କରାଯାଉଛି । ଦୃଶ୍ୟ-ଶ୍ରାବ୍ୟ ଶିଳ୍ପର ପ୍ରତିଷ୍ଠିତ ବୃତ୍ତିଗତ ଓ ଉଦୀୟମାନ ପ୍ରତିଭାଙ୍କୁ ଏହା ଏକ ମଞ୍ଚ ପ୍ରଦାନ କରିବ । ପ୍ରଯୋଜକ, ବିତରକ, ପ୍ରସାରକ, ପାଣ୍ଠି ପ୍ରଦାନକାରୀ ଏବଂ ପ୍ରଯୁକ୍ତିବିଦ୍ୟା

ଅଂଶୀଦାରମାନଙ୍କପାଇଁ ଏହି ମଞ୍ଚ ଏକ ଅନନ୍ୟ କେନ୍ଦ୍ର ଭାବରେ କାର୍ଯ୍ୟକରି ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ବିଶ୍ୱ ସ୍ତରରେ ପରିଚିତ କରାଇବ । ଓ୍ୱେଭ୍ ଡକ୍ ବଜାରର ପ୍ରମୁଖ ଅଂଶଭାବେ ଭି.ଆର୍., ପ୍ରଗତି ଲ୍ୟାବ୍, ଏକ୍ସ.ଆର୍. ଏବଂ ଇମର୍ସିଭ୍ ମାର୍କେଟ୍‌କୁ ସ୍ଥାନିତ କରାଯାଇଛି । ଚଳଚ୍ଚିତ୍ର ନିର୍ମାତା ଏବଂ ଆନିମେସନ୍ ଶିଳ୍ପର ମୁଖ୍ୟ ଅଂଶୀଦାରମାନଙ୍କୁ ଏଥିରେ ଯୋଗଦେବାକୁ ଆମନ୍ତ୍ରଣ କରାଯାଇଛି ।

***Desk***

# ସି.ବି.ଏଫ୍.ସି. ଅଧ୍ୟକ୍ଷ

କେନ୍ଦ୍ର ସରକାର ଶଶି ଶେଖର ଭେମ୍ପତିଙ୍କୁ କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ଼ - ସି.ବି.ଏଫ୍.ସି.ର ଅଧ୍ୟକ୍ଷ ଭାବେ ନିଯୁକ୍ତ କରିଛନ୍ତି । ଏନେଇ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଆଜି ଏକ ବିଜ୍ଞପ୍ତି ଜାରି କରାଯାଇଛି । ଶ୍ରୀ ଭେମ୍ପତି ୩ ବର୍ଷ ପର୍ଯ୍ୟନ୍ତ ଏହି ପଦବିରେ କାର୍ଯ୍ୟ କରିବେ । ପ୍ରସାର ଭାରତୀର ଅଧ୍ୟକ୍ଷ ଭାବରେ ପ୍ରସୂନ୍ ଯୋଶୀଙ୍କ ପଦୋନ୍ନତି ପରେ ଶ୍ରୀ ଭେମ୍ପତିଙ୍କୁ ଏହି ଦାୟିତ୍ୱ ଦିଆଯାଇଛି । ଗଣମାଧ୍ୟମ, ପ୍ରସାରଣ ଏବଂ ସାଧାରଣ ଯୋଗାଯୋଗ କ୍ଷେତ୍ରରେ ତାଙ୍କର ଦୀର୍ଘଦିନର ଅଭିଜ୍ଞତା ରହିଛି ।

*Puri/R*

# ପୁରୀ - ରଥ ନିର୍ମାଣ

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାପାଇଁ ରଥଖଳାରେ ତିନି ରଥର ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି । ଆସନ୍ତା ଶନିବାର ଦିନ ଭଉଁରୀ ତିଥିରେ ଚକାଡୋରା ନୀତି ଅନୁଷ୍ଠିତ ହେବ । ତିନି ରଥର ମୋଟ୍ ୪୨ଟି ଚକ ମଧ୍ୟରୁ ଆଜି ସୁଦ୍ଧା ୧୩ଟି ଚକ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି । ଏହାବ୍ୟତୀତ ତିନି ରଥର ୪ଟି ଲେଖାଏଁ ୧୨ ଫୁଟିଆ ପ୍ରଥମ ଭୂଇଁ ଓରା, ଚଉପଟ ପରେ ଉଭୟ ପାର୍ଶ୍ୱ ବିନ୍ଧ କାର୍ଯ୍ୟ ଶେଷ ହୋଇଛି । ତିନି ରଥର ପ୍ରଥମ ଭୂଇଁ ଏବଂ ମଝି ଭୂଇଁ ପାଇଁ ଆବଶ୍ୟକ ୪ଟି ଲେଖାଏଁ ଭୂଇଁଖମ୍ବିର ଚଉପଟ କାର୍ଯ୍ୟ ମଧ୍ୟ ଶେଷ ହୋଇଛି । ବାକି ରହିଥିବା ତୁମ୍ବରେ ଭୋଇ ସେବକମାନେ ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ ଜାରି ରଖିଛନ୍ତି । ତିନି ରଥର ୧୧ଟି ଲେଖାଏଁ ଗୁଜ, ୯ଟି ଜଳଯନ୍ତ୍ର ଶେଷ କରିବା ସହ ୧୨ଟି କୁଡୁକାର ଚଉପଟ କାର୍ଯ୍ୟ ଶେଷ ହୋଇଛି । ଦୋଳବେଦୀରେ ଅସ୍ଥାୟୀ କମାରଶାଳାରେ ତିନି ରଥର ଓଝା କମାର ସେବକମାନେ ଚକର ପନ୍ଦାରୀ ଓ ବଳା ନିର୍ମାଣ କରିବା ସହ ଅରକଣ୍ଟା ପ୍ରସ୍ତୁତ କରୁଛନ୍ତି । ଏ ସମ୍ପର୍କରେ ଶୁଣନ୍ତୁ ଆମ ପୁରୀ ସମ୍ବାଦଦାତାଙ୍କ ଏକ ରିପୋର୍ଟ :

***Voice** :.........*

# ଆଇ.ଆଇ.ଏମ୍.ସି.

ଢେଙ୍କାନାଳସ୍ଥିତ ଭାରତୀୟ ଜନସଞ୍ଚାର ସଂସ୍ଥାନ – ଆଇ.ଆଇ.ଏମ୍.ସି.ରେ ଓଡ଼ିଶା ସୂଚନା ସେବାର ନବନିଯୁକ୍ତ ଉପଖଣ୍ଡସ୍ତରୀୟ ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର ପତ୍ର ସୂଚନା କାର୍ଯ୍ୟାଳୟ ଏବଂ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋର ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର କାର୍ଯ୍ୟକ୍ରମରେ ଯୋଗଦେଇ "ବିକାଶମୂଳକ ଯୋଗାଯୋଗ : ସରକାରୀ ସଞ୍ଚାର ବ୍ୟବସ୍ଥାର ପରିବର୍ତ୍ତିତ ରୂପରେଖ" ପ୍ରସଙ୍ଗରେ ଆଲୋଚନା କରିଥିଲେ । ଯୋଗାଯୋଗର ଭାଷା ସରଳ ହେବା ଏବଂ ଜନସାଧାରଣଙ୍କ ପ୍ରତିକ୍ରିୟା ଅଧିକାରୀମାନେ ଜାଣିବା ଆବଶ୍ୟକ ବୋଲି ଶ୍ରୀ ମିଶ୍ର କହିଥିଲେ । ସଠିକ୍ ଏବଂ ଭୁଲ୍ ତଥ୍ୟ ମଧ୍ୟରେ ପାର୍ଥକ୍ୟ ଓ ପ୍ରଭାବ ସମ୍ପର୍କରେ ଏକ ଦଳଗତ କାର୍ଯ୍ୟକଳାପ ମାଧ୍ୟମରେ ଅଧିକାରୀମାନଙ୍କୁ ମାର୍ଗଦର୍ଶନ କରାଯାଇଛି । ସ୍ୱଚ୍ଛ ଭାରତ ଅଭିଯାନ, ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଏବଂ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଭଳି ପ୍ରମୁଖ ସରକାରୀ ଯୋଜନାଗୁଡ଼ିକୁ କାର୍ଯ୍ୟକ୍ରମରେ ଉପସ୍ଥାପନ କରାଯାଇଥିଲା ।

***Desk***

# ଆଇ.ଆଇ.ଏସ୍. - ନିର୍ବାଚନ ଅଧିକାରୀ

ଓଡ଼ିଶା କ୍ୟାଡର୍ ୨୦୨୫ ବ୍ୟାଚ୍‌ର ଭାରତୀୟ ପ୍ରଶାସନିକ ସେବା - ଆଇ.ଆଇ.ଏସ୍. ପ୍ରଶିକ୍ଷାର୍ଥୀମାନେ ଆଜି ଭୁବନେଶ୍ୱରସ୍ଥିତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଳନ୍ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ନିର୍ବାଚନ ପରିଚାଳନା, ରଣନୀତି, ଭୋଟର୍ ତାଲିକା ପଞ୍ଜୀକରଣ ପ୍ରକ୍ରିୟା, ଇ.ଭି.ଏମ୍. ଓ ଭି.ଭି.ପାଟ୍ ପରିଚାଳନା ସମ୍ପର୍କରେ ଅବଗତ କରାଇଥିଲେ । ଏକ ସୁସ୍ଥ ଗଣତନ୍ତ୍ର ଗଠନରେ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ନୂତନ ଅଧିକାରୀମାନେ ଏହି କ୍ଷେତ୍ରରେ ଦକ୍ଷତା ହାସଲ କରିବା ଜରୁରୀ ବୋଲି ଶ୍ରୀ ଗୋପାଳନ କହିଛନ୍ତି ।

***Bolangir/R***

# ରବିଧାନ ସଂଗ୍ରହ

ବଲାଙ୍ଗୀର ଜିଲ୍ଲା ପରିଷଦ ସଭାଗୃହରେ ରବି ଧାନ ସଂଗ୍ରହ ନିମନ୍ତେ କ୍ରୟ କମିଟିର  ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଗୌରବ ଶିଓ୍ୱାଜୀଙ୍କ ଅଧ୍ୟକ୍ଷତାରେ  ଅନୁଷ୍ଠିତ ବୈଠକରେ ଜିଲ୍ଲାର ୧୨୫ଟି ପ୍ରାଥମିକ କୃଷି ସମବାୟ ସମିତି ଓ ୧୧ଟି ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ଧାନ କ୍ରୟ

ପାଇଁ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୨୫ ତାରିଖଠାରୁ ରବିଧାନ କ୍ରୟ ଆରମ୍ଭ ହେବ । ଧାନ ବିକ୍ରୟପାଇଁ ୧୭ ହଜାର ୩୦୪ ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି । ଗ୍ରୀଷ୍ମପ୍ରବାହ ଓ ଅଦିନିଆ ବର୍ଷାକୁ ଦୃଷ୍ଟିରେ ରଖି ସମସ୍ତ ଧାନକ୍ରୟ କେନ୍ଦ୍ରରେ ଆବଶ୍ୟକ ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ପାନୀୟ ଜଳ, ବିଦ୍ୟୁତ୍, ତାରପୋଲିନ୍ ଓ ଚାଷୀମାନଙ୍କପାଇଁ ଆଶ୍ରୟସ୍ଥଳୀର ବିଶେଷ ବ୍ୟବସ୍ଥା କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

***Met. O.***

# ପାଣିପାଗ

ରାଜ୍ୟରେ କାଳବୈଶାଖୀ ଜନିତ ବର୍ଷାର ପ୍ରଭାବରେ ତାପମାତ୍ରା ହ୍ରାସ ପାଇଛି । ଟିଟିଲାଗଡ଼ରେ ଆଜି ଦିନର ସର୍ବୋଚ୍ଚ ତାପମାତ୍ରା ୩୮ ଦଶମିକ ୫ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ କରାଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ୪ଟି ସ୍ଥାନ ରାୟଗଡ଼ା, କଳାହାଣ୍ଡି, ନୟାଗଡ଼ ଓ ଗଞ୍ଜାମରେ ବଜ୍ରପାତ ସହିତ ପ୍ରବଳ ବର୍ଷା ହୋଇଯାଇଛି । ଆସନ୍ତା ୭ ଦିନ ପର୍ଯ୍ୟନ୍ତ ବଜ୍ରପାତ ସହିତ ବର୍ଷା ହେବାନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଆଗାମୀ ୨୪ ଘଣ୍ଟାପାଇଁ ଉତ୍ତର ଓଡ଼ିଶା ଓ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକ ରାୟଗଡ଼ା,

କୋରାପୁଟ ଓ ମାଲକାନଗିରି ଜିଲ୍ଲାର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷାର ସମ୍ଭାବନା ରହିଛି । ଏହି ସମୟରେ ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି ।

******